# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**12th July - 2025**

**************************************

*Desk*

## ପି.ଏମ୍. - ରୋଜଗାର ମେଳା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ପୂର୍ବାହ୍ନରେ ଆଭାସୀ ମାଧ୍ୟମରେ ବିଭିନ୍ନ ସରକାରୀ ବିଭାଗ ଏବଂ ସଂସ୍ଥାନଗୁଡ଼ିକରେ ୫୧ ହଜାରରୁ ଅଧିକ ନବନିଯୁକ୍ତଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିବେ। ଭୁବନେଶ୍ୱର ସମେତ ଦେଶର ୪୭ଟି ସ୍ଥାନରେ ଏହି ରୋଜଗାର ମେଳା ଅନୁଷ୍ଠିତ ହେଉଛି । ଏହା ହେଉଛି କେନ୍ଦ୍ର ସରକାରଙ୍କ ଷୋଡ଼ଶ ରୋଜଗାର ମେଳା । ରେଳ, ଗୃହ, ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ, ଶ୍ରମ ଏବଂ ନିଯୁକ୍ତି ତଥା ଡାକ ବିଭାଗ ସମେତ ଅନ୍ୟାନ୍ୟ ବିଭାଗ ଓ ମନ୍ତ୍ରଣାଳୟରେ ନବନିଯୁକ୍ତଙ୍କୁ ନିଯୁକ୍ତି ଦିଆଯିବ। ଏପର୍ଯ୍ୟନ୍ତ ଦେଶରେ ରୋଜଗାର ମେଳା ମାଧ୍ୟମରେ ୧୦ଲକ୍ଷରୁ ଅଧିକ ନିଯୁକ୍ତିପତ୍ର ପ୍ରଦାନ କରାଯାଇଛି। ଭୁବନେଶ୍ୱର ରେଳ ପ୍ରେକ୍ଷାଳୟରେ ଅନୁଷ୍ଠିତ ହେବାକୁ ଥିବା ରୋଜଗାର ମେଳା କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗ ଦେବାର କାର୍ଯ୍ୟସୂଚୀ ରହିଛି ।

*Desk*

# ଧର୍ମଘଟ - ବସ୍ ଚଳାଚଳ

ଯାତ୍ରୀମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଆଜିଠାରୁ ବସ୍ ଚଳାଚଳ କରିବ ବୋଲି ବସ୍ ମାଲିକ ସଂଘ ପକ୍ଷରୁ କୁହାଯାଇଛି । ପୁରୀଠାରେ ଗତକାଲି ଅନୁଷ୍ଠିତ ହୋଇଥିବା ବସ୍ ମାଲିକ ସଂଘର ନିଷ୍ପତ୍ତି ଅନୁସାରେ କଟକ ଏବଂ ଭୁବନେଶ୍ୱର ସମେତ ରାଜ୍ୟର ପ୍ରମୁଖ ସହରର ବସ୍ଷ୍ଟାଣ୍ଡ୍‌ଗୁଡ଼ିକରୁ ବସ୍ ଚଳାଚଳ କରିବ । ଅନ୍ୟପକ୍ଷରେ ସରକାରଙ୍କଠାରୁ ଲିଖିତ ପ୍ରତିଶ୍ରୁତି ନ ମିଳିବା ପର୍ଯ୍ୟନ୍ତ ଧର୍ମଘଟ ଜାରି ରହିବ ବୋଲି ଡ୍ରାଇଭର ମହାସଂଘ ପକ୍ଷରୁ କୁହାଯାଇଛି ।

*Desk*

# ମୁଖ୍ୟମନ୍ତ୍ରୀ - ଜନ ଅଭିଯୋଗ ଶୁଣାଣି

ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ଆସନ୍ତା ୧୪ ତାରିଖ ସୋମବାର ଦିନ ବନ୍ଦ ରହିବ । ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ ବୋଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

*Desk*

# ‘ଅସ୍ତ୍ର’ର ସଫଳ ପରୀକ୍ଷଣ

ବାଲେଶ୍ୱର ଜିଲ୍ଲା ଚାନ୍ଦିପୁର ସ୍ଥିତ କ୍ଷେପଣାସ୍ତ୍ର ପରୀକ୍ଷଣ କେନ୍ଦ୍ରର ପ୍ରତିରକ୍ଷା ଗବେଷଣା ଉନ୍ନୟନ ସଂସ୍ଥାନ - ଡି.ଆର୍.ଡି.ଓ. ଏବଂ ଭାରତୀୟ ବାୟୁସେନାର ମିଳିତ ସହଯୋଗରେ ସ୍ୱଳ୍ପ ଦୂରଗାମୀ କ୍ଷେପଣାସ୍ତ୍ର ‘ଅସ୍ତ୍ର’ର ସଫଳ ପରୀକ୍ଷଣ ହୋଇଯାଇଛି । ସମ୍ପୂର୍ଣ୍ଣ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ତଥା ଆକାଶମାର୍ଗରୁ ଆକାଶମାର୍ଗକୁ ନିକ୍ଷେପ ହେଉଥିବା ଏହି କ୍ଷେପଣାସ୍ତ୍ର ଯୁଦ୍ଧାସ୍ତ୍ର ବହନ କରି ୫ ଶହ କିଲୋମିଟର ଦୂର ପର୍ଯ୍ୟନ୍ତ ଲକ୍ଷଭେଦ କରିପାରିବ ।

*Desk*

# ଓ.ଟି.ଇ.ଟି.

ମାଧ୍ୟମିକ ଶିକ୍ଷା ବୋର୍ଡ ଦ୍ୱାରା ପରିଚାଳିତ ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା–ଓ.ଟି.ଇ.ଟି.-୨୦୨୫ ନିମନ୍ତେ ଆବେଦନ କରିଥିବା ପରୀକ୍ଷାର୍ଥୀମାନଙ୍କ ପାଇଁ ଆଜିଠାରୁ ଆଡମିଟ୍ କାର୍ଡ ବୋର୍ଡ ୱେବସାଇଟ୍‌ରେ ଉପଲବ୍ଧ ହେବ। ଆସନ୍ତା ୨୦ ତାରିଖରୁ ଦୁଇଟି ପର୍ଯ୍ୟାୟରେ ହେବାକୁ ଥିବା ଏହି ପରୀକ୍ଷା ରାଜ୍ୟରେ ୧୯୩ଟି ପରୀକ୍ଷା କେନ୍ଦ୍ରରେ ଅନୁଷ୍ଠିତ ହେବ। ମୋଟ୍ ୭୫ ହଜାର ୪୦୩ ଜଣ ପରୀକ୍ଷାର୍ଥୀ ଆବେଦନ କରିଥିବା ଜଣାପଡ଼ିଛି।

*Desk*

# ସି.ଟି. ଆବେଦନ

୨୦୨୫-୨୭ ଶିକ୍ଷାବର୍ଷରେ ପ୍ରାଥମିକ ଶିକ୍ଷା ଡିପ୍ଲୋମା - ଡି.ଇ.ଏଲ୍.ଇ.ଡି. ତଥା ସି.ଟି. ପାଠ୍ୟକ୍ରମରେ ନାମଲେଖାପାଇଁ ନିର୍ଦ୍ଧାରିତ ସିଟ୍‌ସଂଖ୍ୟାଠାରୁ ୧୨ ଗୁଣ ଅଧିକ ଆବେଦନ କରାଯାଇଥିବା ଜଣାପଡ଼ିଛି । ରାଜ୍ୟର ମୋଟ୍ ୬୮ଟି ଶିକ୍ଷାନୁଷ୍ଠାନରେ ୬ ହଜାର ୫୫୦ଟି ସିଟ୍ ଥିବାବେଳେ ୭୮ ହଜାର ୮୧୯ଜଣ ଆବେଦନ କରିଛନ୍ତି ।

*Desk*

# କ୍ରୀଡ଼ା ପ୍ରତିଯୋଗିତା

ରାଜ୍ୟରେ ପ୍ରଥମ ଥରପାଇଁ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମ୍‌ଠାରେ ୱାର୍ଲ୍ଡ ଆଥ୍‌ଲେଟିକ୍ କଣ୍ଟିନେଣ୍ଟାଲ୍ ଟୁର୍ ଆସନ୍ତାମାସ ୧୦ ତାରିଖ ଦିନ ଆୟୋଜନ କରାଯିବ । କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ପ୍ରତିଯୋଗିତାରେ ଭାରତ, ତୁର୍କମେନିସ୍ତାନ, ଭୁଟାନ, ଫିଲିପାଇନ୍ସ, ଦକ୍ଷିଣ କୋରିଆ ଆଦି ୧୦ଟିରୁ ଅଧିକ ଦେଶର ୧୫୦ରୁ ଊର୍ଦ୍ଧ୍ୱ କ୍ରୀଡ଼ାବିତ୍‌ମାନେ ଅଂଶଗ୍ରହଣ କରିବେ । ପ୍ରତିଯୋଗିତାରେ ସମୁଦାୟ ୨୦ଟି ବିଭିନ୍ନ କ୍ରୀଡ଼ାର ଆୟୋଜନ କରାଯାଇଛି ।

*Desk*

## ପତ୍ରମାଧ୍ୟମ ଶିକ୍ଷା - ନାମଲେଖା

ମାଧ୍ୟମିକ ଶିକ୍ଷା ପରିଷଦଦ୍ୱାରା ପରିଚାଳିତ ପତ୍ରମାଧ୍ୟମ ଶିକ୍ଷା ପାଠ୍ୟକ୍ରମ ୨୦୨୫-୨୬ ବର୍ଷରେ ନାମ ଲେଖାଇବାପାଇଁ ଆସନ୍ତା ସୋମବାରଠାରୁ ଆବେଦନ ପ୍ରକ୍ରିୟା ଆରମ୍ଭ ହେବ । ଏହି ପାଠ୍ୟକ୍ରମ ସମ୍ବନ୍ଧୀୟ ସମସ୍ତ ତଥ୍ୟ ମାଧ୍ୟମିକ ଶିକ୍ଷା ପରିଷଦ ଓ୍ୱେବ୍‌ସାଇଟ୍‌ରେ ଉପଲବ୍ଧ ଅଛି ।

*Desk*

## ବ୍ୟାଘ୍ର ସଂରକ୍ଷଣ ବୈଠକ

ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂହ ଖୁଣ୍ଟିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ଫାଉଣ୍ଡେସନର ଚତୁର୍ଥ ପରିଚାଳନା ବୈଠକରେ  ବ୍ୟାଘ୍ର ସଂରକ୍ଷଣ କ୍ଷେତ୍ରରେ ପରିବେଶଗତ ଆର୍ଥିକ, ସାମାଜିକ ଏବଂ ସାଂସ୍କୃତିକ ବିକାଶକୁ ସହଜ କରିବା ଏବଂ ପରିବେଶ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଛି । ବୈଠକରେ ୨୦୨୫-୨୬ ଆର୍ଥିକ ବର୍ଷପାଇଁ ୧୦ କୋଟି ୪୮ ଲକ୍ଷ ଟଙ୍କାର ବାର୍ଷିକ କାର୍ଯ୍ୟାନ୍ୱୟନ ଯୋଜନା ଅନୁମୋଦିତ ହୋଇଛି ।

***Sambalpur/R***

# ହୀରାକୁଦ

ହୀରାକୁଦ ଜଳଭଣ୍ଡାରରୁ ୧୪ଟି ଗେଟ୍ ଦେଇ ବନ୍ୟାଜଳ ମହାନଦୀ ଓ କେନାଲ୍‌ଗୁଡ଼ିକୁ ନିଷ୍କାସନ ଜାରି ରହିଛି । ସକାଳ ୬ଟା ସୁଦ୍ଧା ପ୍ରତି ସେକେଣ୍ଡରେ ଜଳଭଣ୍ଡାର ମଧ୍ୟକୁ ୩ ଲକ୍ଷ ୨୫ ହଜାର ୭୯ ଘନଫୁଟ ଜଳ ପ୍ରବେଶ କରୁଥିବାବେଳେ ୨ ଲକ୍ଷ ୩୮ ହଜାର ୮୧୨ ଘନଫୁଟ ଜଳ ନିଷ୍କାସିତ ହେଉଛି ।

***Desk***

# ପାଣିପାଗ

ଛତିଶଗଡ଼ ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ସୃଷ୍ଟ ଘୂର୍ଣ୍ଣିବଳୟ ପ୍ରଭାବରେ ଆସନ୍ତାକାଲିଠାରୁ ରାଜ୍ୟର କେତେକ ସ୍ଥାନରେ ପ୍ରବଳ ବର୍ଷାର ସମ୍ଭାବନା ଥିବା ନେଇ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି ।

*****